# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 30 October - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ବିହାରର ପାଟଣାରେ ମେଟ୍ରୋ ରେଳ ପ୍ରକଳ୍ପ ଦୁର୍ଘଟଣାରେ ଦୁଇ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀଙ୍କ ଶୋକ; ୬ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା
- ରାଜ୍ୟରେ ଆସନ୍ତାମାସରୁ ହିତାଧିକାରୀ ପାଇବେ ନୂଆ ରାସନକାର୍ଡ; ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ
- ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ୧୨ଟି ଇ-ବସ୍‌ର ଲୋକାର୍ପଣ କଲେ ନଗର ଉନ୍ନୟନ ମନ୍ତ୍ରୀ

— ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେସିନ୍‌ର ହେଲା ଶୁଭାରମ୍ଭ

ଏବଂ

- ସଂଚୟର ଗୁରୁତ୍ୱକୁ ନେଇ ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି 'ବିଶ୍ୱ ମିତବ୍ୟୟିତା ଦିବସ'

## ଶ୍ରମିକ ମୃତ୍ୟୁ

ବିହାରର ପାଟଣାଠାରେ ନିର୍ମାଣାଧୀନ ମେଟ୍ରୋ ରେଳପ୍ରକଳ୍ପ ଦୁର୍ଘଟଣାରେ ଦୁଇ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ବ୍ୟକ୍ତ କରିଛନ୍ତି। ମୃତ ଶ୍ରମିକଙ୍କ ପରିବାରକୁ ୬ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସୂଚନା ଥାଉକି, ଗତ ୨୮ ତାରିଖରେ ପାଟଣାଠାରେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍ ରାସଙ୍ଗ ପଞ୍ଚାୟତ ଗୋଛାବାଡି ଗ୍ରାମର ମନୋଜ ବେହେରା ଏବଂ କାଦୁଆ ଗ୍ରାମର ବିଜୟ ବେହେରାଙ୍କ ମୃତ୍ୟୁ ହୋଇଥିଲା।

## ନଭେମ୍ବର ମାସରୁ ରାସନକାର୍ଡ

ରାଜ୍ୟରେ ଆସନ୍ତା ମାସରୁ ହିତାଧିକାରୀମାନେ ନୂଆ ରାସନ କାର୍ଡ ପାଇବେ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୧୦ ଲକ୍ଷ ଆବେଦନକାରୀଙ୍କ ଆବେଦନ ଯାଞ୍ଚ ପରେ କାର୍ଡ ଦିଆଯିବ। ଇ-କେ.ୱାଇ.ସି ପ୍ରକ୍ରିୟା ଶେଷ ହେଲେ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଇ-ବସ୍‌ସେବା ଲୋକାର୍ପଣ

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ନୂତନ ୧୨ଟି ଇ-ବସ୍‌ର ଲୋକାର୍ପଣ କରିଛନ୍ତି। ଏହାସହ ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେସିନ୍‌ର ଶୁଭାରମ୍ଭ ଓ ଯାତ୍ରୀ ଆପ୍‌କୁ

ଉନ୍ମୋଚନ କରିଛନ୍ତି।ଏହି କାର୍ଯ୍ୟକ୍ରମରେ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ସହରାଞ୍ଚଳ ପରିବହନ ଯାତାୟତର ନେଟଓ୍ୱର୍କକୁ ବୃଦ୍ଧି କରି କ୍ରୁଟ ୪୭୫ ମୋ ବସ୍ ୯୭ଟି ରୁଟ୍‌ରେ ଯାତାୟତ ସେବା ପ୍ରଦାନ କରୁଥିବାବେଳେ ସେଥିମଧ୍ୟରୁ ୯୫ଟି ଇ-ବସ୍ ଚଳାଚଳ କରୁଛି। ଏହି ସେବା କେବଳ ଟିକେଟ୍ ପ୍ରକ୍ରିୟାକୁ ସରଳ କରିବ ତାହା ନୁହେଁ, ବରଂ ଯାତ୍ରୀ ସଂଖ୍ୟା ଓ ରାଜସ୍ୱ ବୃଦ୍ଧିରେ ସକ୍ଷମ ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ସ୍କୁଲ ମିଶ୍ରଣ

ରାଜ୍ୟ ସରକାରଙ୍କ ସ୍କୁଲ ମିଶ୍ରଣ ନିଷ୍ପତ୍ତିକୁ ଉଚ୍ଚ ନ୍ୟାୟାଳୟ ବଳବତ୍ତର ରଖିଛନ୍ତି। ଯେଉଁ ବିଦ୍ୟାଳୟରେ ୨୦ ଜଣରୁ କମ୍ ପିଲା ପାଠ ପଢୁଥିଲେ ସେହି ବିଦ୍ୟାଳୟଗୁଡ଼ିକୁ ବନ୍ଦକରି ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ଲାଗି ସରକାର ନେଇଥିବା ନିଷ୍ପତ୍ତି ଅପରିବର୍ତ୍ତିତ ରହିଛି। ସ୍କୁଲ ମିଶ୍ରଣ ବିଜ୍ଞପ୍ତିକୁ ଉଚ୍ଚ ନ୍ୟାୟାଳୟର ଜଣିକିଆ ବିଚାରପତି ରଦ୍ଦ କରିବା ପରେ ଏହାକୁ ବିରୋଧ କରି ରାଜ୍ୟ ସରକାର ହାଇକୋର୍ଟଙ୍କ ନିକଟରେ ପୁନଃ ଆବେଦନ କରିଥିଲେ।

## କାର୍ଯ୍ୟରୁ ଅପସାରଣ

କେନ୍ଦ୍ରାପଡା ଜିଲ୍ଲା ଡେରାବିଶ୍ ବ୍ଲକ୍ ଅଧୀନସ୍ଥ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ସ୍ନେହଲତା ସାହୁଙ୍କୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ଅପସାରଣ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ

କରାଯାଇଛି । ସୂଚନା ଥାଉକି, ଡେରାବିଶ୍ ବ୍ଲକ୍ କାର୍ଯ୍ୟାଳୟରେ କାର୍ଯ୍ୟରତ କିରାଣୀ ବର୍ଷା ପ୍ରିୟଦର୍ଶିନୀ ମହାପାତ୍ରଙ୍କ ୭ ମାସ ଗର୍ଭ ନଷ୍ଟ ହେବା ଘଟଣାରେ ସିଡିପିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ନିରପେକ୍ଷ ଓ ତ୍ୱରିତ ତଦନ୍ତ କରିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ରେଳ ପ୍ରକଳ୍ପ ସମୀକ୍ଷା

ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ଗତିଶକ୍ତି କାର୍ଯ୍ୟକ୍ରମ ଅଧୀନରେ ନେଟ୍‌ୱାର୍କ ପ୍ଲାନିଙ୍ଗ୍ ଗ୍ରୁପ୍ - ଏନ୍.ପି.ଜି.ର ୮୨ତମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶିଳ୍ପ ପ୍ରୋତ୍ସାହନ ଏବଂ ଅଭ୍ୟନ୍ତରୀୟ ବାଣିଜ୍ୟ ବିଭାଗର ଅତିରିକ୍ତ ସଚିବ ରାଜୀବ୍ ସିଂହ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶାର ଦୁଇଟି ରେଳ ପ୍ରକଳ୍ପର ସମୀକ୍ଷା କରାଯାଇଛି । ଝାରସୁଗୁଡ଼ା-ଶାସନ ଓ ସମ୍ବଲପୁର-ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳଲାଇନ ପ୍ରକଳ୍ପର ସମୀକ୍ଷା ହୋଇଛି । ଏହି ପ୍ରକଳ୍ପ ଦେଶରେ ସାମଗ୍ରୀ ପରିବହନ ବ୍ୟବସ୍ଥାରେ ଉନ୍ନତି ଆଣିବା ସହ ବିଭିନ୍ନ ସ୍ଥାନ ମଧ୍ୟରେ ଯାତ୍ରା ସମୟକୁ ହ୍ରାସ କରିବ । ଏଥିସହ ସମ୍ପୃକ୍ତ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ବିକାଶରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ବିଶ୍ୱ ମିତବ୍ୟୟିତା ଦିବସ

ଜନସାଧାରଣଙ୍କୁ ଆର୍ଥିକ ସୁରକ୍ଷା ଏବଂ ସଞ୍ଚୟର ଗୁରୁତ୍ୱକୁ ନେଇ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି 'ବିଶ୍ୱ ମିତବ୍ୟୟିତା ଦିବସ' ପାଳନ କରାଯାଉଛି । ଚଳିତ ବର୍ଷ 'ପିଲାମାନଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତାର ମହତ୍ତ୍ୱ' ଶୀର୍ଷକକୁ ନେଇ ଏହି ଦିବସ ପାଳନ କରାଯାଉଛି ।

ଏହି ଅବସରରେ **ରାଜ୍ୟପାଳ** ରଘୁବର ଦାସ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇ ତାଙ୍କ ବାର୍ତ୍ତାରେ କହିଛନ୍ତି, ଆୟ ଓ ବ୍ୟୟ ମଧ୍ୟରେ ଯଥାସମ୍ଭବ ସନ୍ତୁଳନ ରକ୍ଷାକରି ଯୋଜନାବଦ୍ଧ ସଞ୍ଚୟ ଏକ ବୃହତ୍ତର ପାଣ୍ଠି ଗଠନ କରିବାରେ ବିଶେଷ ସହାୟକ ହୋଇଥାଏ ।

ସେହିପରି **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ତାଙ୍କ ବାର୍ତ୍ତାରେ ସୁରକ୍ଷିତ ଜୀବନ ଯାପନପାଇଁ ଅପବ୍ୟୟ ଓ ଅପଚୟମୁକ୍ତ ଶୃଙ୍ଖଳିତ ଆର୍ଥିକ ସୁପରିଚାଳନା ଏକାନ୍ତ ଆବଶ୍ୟକ ବୋଲି କହିଛନ୍ତି ।

## ଦୟାନନ୍ଦ ସରସ୍ୱତୀ

ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ପୁଣ୍ୟ ତିଥି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଜଣେ ମହାନ୍ ସମାଜ ସଂସ୍କାରକ, ଆର୍ଯ୍ୟ ସମାଜର ସଂସ୍ଥାପକ ଥିଲେ। ସମାଜରୁ ଅଜ୍ଞାନତା ଏବଂ କୁସଂସ୍କାର ଦୂର କରିବାରେ ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ସ୍ମୃତି ଚାରଣ କରି ସ୍ୱାମୀଜୀଙ୍କ ଯୋଗଦାନ ସମାଜ ସୁଧାର, ଶିକ୍ଷା ଓ ଧାର୍ମିକ ଚେତନା କ୍ଷେତ୍ରରେ ଅବିସ୍ମରଣୀୟ ରହିବ ବୋଲି ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି ।

## ଜେ.ଇ.ଇ. ମେନ୍

ଦେଶରେ ଥିବା ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମଲେଖାପାଇଁ ଦୁଇଟି ପର୍ଯ୍ୟାୟରେ ଜେ.ଇ.ଇ. ମେନ୍ ପରୀକ୍ଷା ଅନୁଷ୍ଠିତ ହେବ । ଆସନ୍ତା ଜାନୁୟାରୀ ମାସ ୨୨ରୁ ୩୧ ତାରିଖ ମଧ୍ୟରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ପରୀକ୍ଷା ପାଇଁ ଅନ୍‌ଲାଇନ୍‌ରେ ଆବେଦନ ଆରମ୍ଭ ହୋଇଛି । ଆଗ୍ରହୀ ଛାତ୍ରଛାତ୍ରୀମାନେ ଆସନ୍ତାମାସ ୨୨ ତାରିଖ ମଧ୍ୟରେ ଏଥିପାଇଁ ଆବେଦନ କରିପାରିବେ । ଓଡ଼ିଆ ସମେତ ଇଂରାଜୀ, ଆସାମୀ, ବେଙ୍ଗଲୀ, ଗୁଜୁରାଟି ଆଦି ୧୨ଟି ଭାଷାରେ ଏହି ପରୀକ୍ଷା ଅନୁଷ୍ଠିତ ହେବ । ଦ୍ୱିତୀୟ ପର୍ଯ୍ୟାୟପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବା ନେଇ ସ୍ୱତନ୍ତ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ. ପକ୍ଷରୁ କୁହାଯାଇଛି ।

## ଅଯୋଧ୍ୟା ଦୀପୋତ୍ସବ

ଦୀପାବଳି ଅବସରରେ ପ୍ରଭୁ ଶ୍ରୀରାମଙ୍କ ନଗରୀ ଅଯୋଧ୍ୟାରେ ଆଜି ଭବ୍ୟ ଦୀପୋତ୍ସବର ଆୟୋଜନ କରାଯିବ । ଉତ୍ତରପ୍ରଦେଶ ସରକାର ଏହି

ଉତ୍ସବକୁ ଗିନିଜ୍ ଓ୍ୱାର୍ଲ୍ଡ ରେକର୍ଡରେ ସ୍ଥାନିତ କରିବା ଲକ୍ଷ୍ୟରେ ୨୫ ଲକ୍ଷରୁ ଅଧିକ ଦୀପ ପ୍ରଜ୍ୱଳନର ବ୍ୟବସ୍ଥା କରିଛନ୍ତି। ଏହି ଉତ୍ସବ ଲାଗି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଉତ୍ସବ ଲାଗି ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଦେଶ ବିଦେଶରୁ କଳାକାରମାନଙ୍କୁ ଆମନ୍ତ୍ରଣ କରାଯାଇଛି। ଦୀପୋତ୍ସବ ପାଳନ ଅବସରରେ ୧୧ ଶହରୁ ଅଧିକ ପୂଜକ, ସରଜୂ ଆରତୀରେ ଯୋଗଦେବେ ବୋଲି ସୂଚନା ମିଳିଛି।

## ଦୀପାବଳି ଗାଇଡ୍‌ଲାଇନ୍

ଦୀପାବଳିରେ ବାଣ ବିକ୍ରି ଉପରେ କମିଶନରେଟ୍ ପୁଲିସ୍ ପକ୍ଷରୁ କଡା ନିୟମ ଜାରି କରାଯାଇଛି। ଖୁଚୁରା ବାଣ ଦୋକାନୀ ଗୋଟିଏ ଦୋକାନରେ ୩ ଶହ କେଜିରୁ ଅଧିକ ବାଣ ରଖିପାରିବେ ନାହିଁ। ଅନ୍ୟପକ୍ଷରେ, ରାଜଧାନୀରେ ୨୫ଟି ଅସ୍ଥାୟୀ ସ୍ଥାନରେ ବାଣ ବିକ୍ରି ପାଇଁ ଅନୁମତି ଦିଆଯାଇଛି। ୨୦୦ ଦୋକାନୀଙ୍କୁ ଏଥିପାଇଁ ସ୍ୱୀକୃତି ମିଳିଛି। ବାଣ ଦୋକାନ ପାଖରେ ଦୁର୍ଘଟଣାକୁ ଏଡେଇବାକୁ କମ୍ବଳ, ପାଣି ବାଲ୍‌ଟି ଓ ବାଲି ବସ୍ତା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ନିଆଁ ଲିଭା ଯନ୍ତ୍ର ଏବଂ ବିଦ୍ୟୁତ୍ ସରଞ୍ଜାମ ଉପରେ ଧ୍ୟାନ ଦେବାକୁ କୁହାଯାଇଛି।

ଅନ୍ୟପକ୍ଷରେ, ସୁରକ୍ଷିତ ଦୀପାବଳି ପାଇଁ କଟକ ଓ ଭୁବନେଶ୍ୱରରେ ଅସ୍ଥାୟୀ ଭାବେ ୭ଟି ଅତିରିକ୍ତ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ନିଷ୍ପତ୍ତି

ହୋଇଥିବା ନେଇ ଗତକାଲି ମୁଖ୍ୟ ଅଗ୍ନିଶମ ଅଧିକାରୀ ଦେବେନ୍ଦ୍ର କୁମାର ସ୍ୱାଇଁ ସୂଚନା ଦେଇଥିଲେ। କଟକରେ ୪ଟି ଓ ଭୁବନେଶ୍ୱରରେ ୩ଟି ଅତିରିକ୍ତ ଦମକଳ କେନ୍ଦ୍ର ହେବ। ଦୀପାବଳି ଦିନ ଅଗ୍ନିଶମ ଅଧିକାରୀମାନେ ଏହି ୨ଟି ସହରରେ ସ୍ଥିତି ନିରୀକ୍ଷଣ କରିବେ। କୌଣସି ସ୍ଥାନରେ ନିଆଁ ଲାଗିଲେ ତୁରନ୍ତ ଜରୁରୀକାଳୀନ ନମ୍ବର ୧୧୨କୁ ଫୋନ୍ କରିବାକୁ ଶ୍ରୀ ସ୍ୱାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

ରାଜ୍ୟରେ ଦୀପାବଳି ପାଳନ ନେଇ ପୁଲିସ୍ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଦୀପାବଳି ଦିନ ରାତି ୧୦ଟା ମଧ୍ୟରେ ବାଣ ଫୁଟାଇବା ପାଇଁ ଅନୁମତି ଦିଆଯାଇଛି। ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ ପ୍ରଦୂଷଣମୁକ୍ତ ସବୁଜ ବାଣ ବ୍ୟବହାର ସହ ପାରମ୍ପରିକ ଦୀପାବଳି ପାଳନ କରିବାକୁ ଅନୁରୋଧ କରିଛନ୍ତି। ଚୋରା ବାଣ ବିକ୍ରୀ ପ୍ରତି ସଜାଗ ରହିବାକୁ ରାଜ୍ୟର ସମସ୍ତ ଆରକ୍ଷୀ ଅଧିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ବନକଲାଗି

**ପୁରୀ** ଶ୍ରୀମନ୍ଦିରରେ ଆଜି କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବାପରେ ଅପରାହ୍ନ ୫ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ୫ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ସେହି ସମୟରେ

ଦତ୍ତ ମହାପାତ୍ର ଓ ଦଇତାପତି ସେବକମାନେ ଗୁପ୍ତନୀତି ସମ୍ପାଦନ କରିବେ ବୋଲି ଜଣାପଡ଼ିଛି ।

## ସ୍ୱତନ୍ତ୍ର ଟ୍ରେନ୍

କାଳୀପୂଜା ଏବଂ ଛଟ୍‌ପୂଜା ସମୟରେ ଯାତ୍ରୀ ଭିଡ଼କୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ପକ୍ଷରୁ ୨୭ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି । ସେଥିମଧ୍ୟରୁ ୧୮ ଯୋଡ଼ା ଟ୍ରେନ୍ ନଭେମ୍ବର ଶେଷ ସପ୍ତାହ ପର୍ଯ୍ୟନ୍ତ ଚଳାଚଳ କରିବ । ୨ ଯୋଡା ସ୍ୱତନ୍ତ୍ର ଟ୍ରେନ୍ ନଭେମ୍ବର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଏବଂ ୭ ଯୋଡା ସ୍ୱତନ୍ତ୍ର ଟ୍ରେନ୍ ଡିସେମ୍ବର ମାସ ପର୍ଯ୍ୟନ୍ତ ଚାଲିବ। ଏହାବ୍ୟତୀତ ୨ ଯୋଡା ସ୍ୱତନ୍ତ୍ର ଟ୍ରେନ୍ ବିହାରର ଦାନପୁର ଓ ଜୟନଗରକୁ ଚଳାଚଳ କରିବ।

*********************************